# Akashvani, Sambalpur

## SAMBALPURI NEWS EVENING BULLETIN

## 23 December 2024- 7.02 pm- 7.12 pm.

********************************************

୧- ଭାରତ୍‌ର ଯୁଆନ୍ ପିଢ଼ି ନୂଆଁ ଆବିଷ୍କାରଥି ଭର୍‌ପୁର୍- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଦେଶର୍ ୪୫ ଟା କେନ୍ଦ୍ର ଜରିଏ ୭୧ ହଜାର୍ ଯୁଆନ୍ ପିଲା ଟୁକେଲ୍‌ଙ୍କୁ ବାଂଟ୍‌ଲେ ନିଯୁକ୍ତିପତ୍ର ।

୨- ଓଡ଼ିଶା ଆଏବା ଦିନେ ଅକ୍ଷୟଶକ୍ତି ଦିଗେ ଗୁଟେ ଅଗ୍ରଣୀ ରାଜ୍ୟ ହେବା- କହେଲେ ଉପମୁଖ୍ୟମନ୍ତ୍ରୀ ।

ଆଉର୍

୩- ଓଡ଼ିଶା ହାଇକୋର୍ଟର ଶୀତ୍‌ଦିନିଆ ଅବକାଶ୍ ପାଠର୍ ଦାୟିତ୍ୱଥି ରହେବେ ୨ ଝନ୍ ବିଚାର୍‌ପତି ।

ପ୍ରଧାନ୍‌ମନ୍ତ୍ରୀ ରୋଜ୍‌ଗାର୍ ମେଳା ପି.ଆଇ.ବି

ଭାରତ୍‌ର ଯୁଆନ୍ ପିଢ଼ି ଆଏଜ୍ ନୂଆଁ ଆତ୍ମବିଶ୍ୱାସ୍‌ଥି ଭର୍‌ପୁର୍ ଆର୍ ସବୁ କ୍ଷେତ୍ରଥି ସଫଲ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର

ମୋଦୀ କହିଛନ୍ । ଆଏଜ୍ ହେଇଥିବା ନିଯୁକ୍ତି ମେଲାଥି ଦେଶର୍ ୪୫ ଟା କେନ୍ଦ୍ର  ଜରିଏ ୭୧ ହଜାର୍‌ନୁ ଅଏତ୍‌କା ୟୁଆନ୍ ପିଲା ଟୁକେଲ୍‌ଙ୍କୁ ଆଭାସୀ ଜରିଏ ପ୍ରଧାନ୍‌ମନ୍ତ୍ରୀ ନିଯୁକ୍ତିପତ୍ର ବାଂଟିଛନ୍ । ଇ ଅବ୍‌ସରେ ଉଦ୍‌ବୋଧନ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ଯେ, ରୋଜ୍‌ଗାର୍ ମେଲା ଯୁବବର୍ଗକେ ସଶକ୍ତ କରୁଛେ ଆର୍ ସେମାନ୍‌କର୍ ସାମର୍ଥ୍ୟକେ ଉଜାଗର୍ କରୁଛେ । ଗଲା ଦେଡ୍‌ବଛର୍ ଭିତ୍‌ରେ ଦେଶେ ୧୦ ଲାଖ୍ ସ୍ଥାୟୀ ଚାକିରୀ ଦିଆଯାଇଛେ । ନୂଆଁ ଭାରତ୍ ଗଠନ୍ ଲାଗି ଆଧୁନିକ୍ ଶିକ୍ଷା ବ୍ୟବସ୍ଥାର୍ ଦର୍‌କାର୍ ଥିଲା । ଜାତୀୟ ଶିକ୍ଷାନୀତି ଜରିଏ ଇହାଦେ ଦେଶ୍ ସେଦିଗେ ଆଗଉଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । କୃଷିକ୍ଷେତ୍ରଥି ରୋଜ୍‌ଗାର୍ ଆର୍ ମହିଳାମାନ୍‌କର୍ ନିଯୁକ୍ତି ବାବ୍‌ଦେ ଉଲ୍ଲେଖ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ସେଆଡ଼େ ଭୁବ୍‌ନେଶ୍ୱର୍ ଠାନେ ସିଆର୍‌ପିଏଫ୍ ତର୍‌ଫୁ ହେଇଥିବା ନିଯୁକ୍ତି ମେଲା କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଯୋଗ୍ ଦେଇକରି ୪ ଶହ ୧ ଝନ୍‌କୁ ନିଯୁକ୍ତିପତ୍ର ବାଂଟିଥିଲେ ।

ଜାତୀୟ କୃଷକ୍ ଦିବସ          ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ବିକାଶ୍‌ଥି କୃଷକ୍‌ମାନ୍‌କର୍ ଅବଦାନ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ସାରା ଦେଶେ ଜାତୀୟ କୃଷକ୍ ଦିବସ୍ ପାଲନ୍ କରାଯାଉଛେ । ଖାଦ୍ୟ ନିରାପତାକେ ସୁନିର୍ଶ୍ଚିତ୍ କର୍‌ବାର୍ ଆର୍ ଗ୍ରାମୀଣ ଅର୍ଥନୀତିକେ ବର୍‌କସ୍ କର୍‌ବାର୍ ସହେତେ କୃଷି ଐତିହ୍ୟକେ ସଂରକ୍ଷିତ୍ ରଖ୍‌ବାର୍‌ଥି କୃଷକ୍‌ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକାକେ ସମାଜ୍‌ର ଭିନ୍ ଭିନ୍ ବର୍ଗ୍‌ଥି ସୁର୍‌ତା କରାଯାଉଛେ । ଦେଶେ କୃଷକ୍‌ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକାକେ ସ୍ୱୀକାର୍ କରିକରି ସର୍‌କାର୍ ସେମାନ୍‌କର୍ ସାମାଜିକ୍ ଆର୍ ଅର୍ଥନୈତିକ୍ ଉନ୍ନତି ଆର୍ ସ୍ଥାୟୀ କୃଷି ଅଭିବୃଦ୍ଧିକେ ସୁନିର୍ଶ୍ଚିତ୍ କର୍‌ବାର୍ ଦିଗେ ବହୁତ୍‌ଟେ କଲ୍ୟାଣ୍‌କାରୀ ପଦକ୍ଷେପ୍ ନେଇଛନ୍ । ଇ ପଦକ୍ଷେପ୍ ମାନ୍‌କର୍ ଭିତ୍‌ରେ ପ୍ରଧାନ୍‌ମନ୍ତ୍ରୀ କିଷାନ୍ ସମ୍ମାନ୍ ନିଧି, ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନା ଆର୍ ପ୍ରଧାନ୍‌ମନ୍ତ୍ରୀ କିଷାନ୍ ମାନ୍‌ଧନ୍  ବାଗିର୍ ଯୋଜ୍‌ନା ସାମିଲ୍ ଅଛେ । ଇଥି କୃଷକ୍‌ମାନ୍‌କର୍ ଆର୍ଥିକ୍ ସୁରକ୍ଷା, ଚାଷ୍ କ୍ଷେତ୍ର୍‌ଥି ଥିବା ଭିନ୍ ଭିନ୍ ଆହ୍ୱାନ୍ ଆର୍ ତାର୍ ମୁକାବିଲା ଆଉର୍ ଦୀର୍ଘମିଆଦୀ ସାମାଜିକ୍ ସୁରକ୍ଷା ଦେବାର୍ ବ୍ୟବସ୍ଥା ରହିଛେ । ଇ ବଛର୍ ଦେଶେ ରେକର୍ଡ୍ ପରିମାଣ୍‌ର ୩ ଶହ ୩୨ ଦଶ୍‌ମିକ୍ ୨ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦିତ୍ ହେଇଛେ ।

ସୌରଶକ୍ତି ନିବେଶକ୍ ସମ୍ମିଲନୀ          ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ରାଏଜେ ଉପ୍ତାଦକ୍, ନିବେଶକ୍, ସର୍‌କାର୍ ଏକାସାଙ୍ଗେ ମିଶିକରି ୨୦୩୦ ତକ୍ ୭ ଦଶ୍‌ମିକ୍ ୫ ଗିଗାୱାଟ୍ ଶକ୍ତି ଉପ୍ତାଦନ୍‌ର ଲକ୍ଷ୍ୟ ରଖିଛନ୍ ବଲି ଉପମୁଖ୍ୟମନ୍ତ୍ରୀ ଆର୍ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଗ୍ରୀଡ୍‌କୋ ଆର୍ ଆଇ ଫରେଷ୍ଟର୍‌ର ତର୍‌ଫୁ ହେଇଥିବା ଓଡ଼ିଶା ସୌରଶକ୍ତି ନିବେଶକ୍ ସମ୍ମିଲନୀଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶ୍ରୀ ସିଂହଦେଓ କହିଛନ୍ ଯେ,  ଓଡ଼ିଶା ସର୍‌କାର୍ ଅକ୍ଷୟଶକ୍ତି ଉପ୍ତାଦନ୍ ଲାଗି ଦୃଢ଼ ପ୍ରତିଶ୍ରୁତିବଦ୍ଧ ଆନ୍ । ନିବେଶକ୍‌ମାନ୍‌କର୍ ଲାଗି ଓଡ଼ିଶାର୍ ଜଲ୍‌ବାୟୁ ଭିଲ୍ ଅନୁକୂଳ ଆଏ ଆର୍ ସର୍‌କାର୍ ଦର୍‌କାରୀ ସାହାଜ୍ ଦେବାର୍ ଲାଗି ପ୍ରସ୍ତୁତ୍ ଆନ୍ । ସେ କହିଛନ୍ ୨୦୨୫ ଡିସେମ୍ବର୍‌ତକ୍ ରାଏଜେ ୩ ଲାଖ୍ ଲୁକ୍‌କର୍ ଘରେ ରୁଫ୍‌ଟପ୍ ସୋଲାର୍ ଲଗାଯିବା । ଏଛେନ୍‌ତକ୍ ଇଥିର୍‌ଲାଗି ୧ ଲାଖ୍ ୫୦ ହଜାର୍ ଆବେଦନ୍ ଆସିଛେ ବଲି ଶ୍ରୀ ସିଂହଦେଓ କହିଛନ୍ । ୨୦୩୦ ମସିହାତକ୍ ରାଏଜେ ୭ ଦଶ୍‌ମିକ୍ ୫ ଗିଗାୱାଟ୍ ଅକ୍ଷୟଶକ୍ତି ଉପ୍ତାଦନ୍ ଲାଗି ଓଡ଼ିଶାର୍ ପ୍ରତିବଦ୍ଧତା ଦର୍ଶାଉଛେ । ଇ ସମ୍ମିଲନୀଥି ବାଣିଜ୍ୟ ଆଉ ଶିଳ୍ପ କ୍ଷେତ୍ର, ସୌରଶକ୍ତି ଉପ୍ତାଦନ୍‌କାରୀ ସଂସ୍ଥାମାନ୍ ଯୋଗ୍ ଦେଇକରି

ରାଜ୍ୟକେ ସୌରଶକ୍ତିର୍ ହବ୍ କର୍‌ବାର୍ ଲାଗି ସଂକଳ୍ପ ନେଇଥିଲେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ପାରାଦ୍ୱୀପ୍ ହି.ସ.

ପାରାଦ୍ୱୀପ୍ ଶିଳ୍ପାଂଚଳର ସମ୍ଭାବନା ଆଏବା ଦିନେ ଓଡ଼ିଶାର୍ ଚାହିଦା ପୂରଣ୍ କର୍‌ବା ବଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ପାରାଦ୍ୱୀପ୍ ଠାନେ ଗୁଟେ ଦଲୀୟ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ପୂର୍ବୋଦୟ ମିଶନ୍‌ଥି ପାରାଦ୍ୱୀପ୍ -ବିକାଶ୍‌ର ଦ୍ୱୀପ୍ ହେବା । ପାରାଦ୍ୱୀପ୍ ବନ୍ଦର୍ ଶହେ ମିଲିୟନ୍ ମେଟ୍ରିକ୍‌ଟନ୍ ପଣ୍ୟ କାର୍‌ବାର୍ କିରକରି ଗୁଟେ ବଡ଼ ବନ୍ଦର୍ ଭାବେ ଖ୍ୟାତି ଆନ୍‌ବାର୍ ସହେତେ ଓଡ଼ିଶାର୍ ଶିଳ୍ପ ଜଗତ୍ ଲାଗି ଗୁଟେ ବଡ଼ ଉପଲବ୍ଧି ବଲିକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ବୀର୍ ବାଲ୍ ଦିବସ୍ ପି.ଆଇ.ବି.

ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ଡିସେମ୍ବର୍ ୨୬ ତାରିଖ୍ ବୀର୍ ବାଲ୍ ଦିବସ୍ ପାଲନ୍ ହେବା । ଛୁଆମାନ୍‌କୁ ଦେଶର୍ ଭବିଷ୍ୟତ୍‌ର ନିହି ହିସାବେ ତହଁକାବାର୍ ଲାଗି ଇ

ଦିବସ୍ ପାଲନ୍ କରାଯିବା । ଇ ଅବ୍‌ସରେ ଡିସେମ୍ବର୍ ୧୬ ନୁ ଆଏବାକାଏଲ୍‌ତକ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଚଲିଛେ । ବିକଶିତ୍ ଭାରତ୍ ଲକ୍ଷ୍ୟ ପୂରଣ୍ କର୍‌ବାର୍ ଦିଗେ ଛୁଆମାନ୍‌କୁ ତହଁକାବାର୍‌ଥି ଇ କାର୍ଯ୍ୟକ୍ରମ୍ କାମ୍ ଦେବା ବଲି ଆଶା କରାଯାଉଛେ । ମୁଖିଆ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ବିନିମୟ କର୍‌ବେ । ଇଟା ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶହେ ୧୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ସିଧା ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ମନ୍ କି ବାତ୍‌ର ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ

ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍ରେ ଫେର୍ଘାଏ ପ୍ରସାରଣ୍ କରାଯିବା ।

ହାଇକୋର୍ଟ ଅବକାଶ ପୀଠ ଆର୍ଏନ୍ୟୁ/ କଟକ୍

ଓଡ଼ିଶା ହାଇକୋର୍ଟର ଶୀତ୍ଦିନିଆ ଛୁଟି ଲାଗି ୨ ଝନ୍ ବିଚାର୍ପତି ଅବକାଶ ପୀଠର୍ ଦାୟିତ୍ୱଥି ରହେବେ । ଡିସେମ୍ବର୍ ୨୫ ନୁ ୨୦୨୫ ଜାନୁଆରୀ ୧ ତାରିଖ୍ତକ୍ ଇ ଛୁଟି ସମିଆଥି ଖାଲି ଜରୁରୀ ମାମ୍ଲାର୍ ବିଚାର୍ କରାଯିବା । ଜଷ୍ଟିସ୍ ଏ.କେ. ମହାପାତ୍ର ଡିସେମ୍ବର୍ ୨୫ ନୁ ୨୭ ଆର୍ ଜଷ୍ଟିସ୍ ଏମ୍.ଏସ୍. ରମନ୍ ଡିସେମ୍ବର୍ ୨୯ ନୁ ଜାନୁଆରୀ ୧ ତାରିଖ୍ତକ୍ ଜରୁରୀ ମାମ୍ଲାମାନ୍କର୍ ଶୁଣାଣି କର୍ବେ । ଇ ସମିଆଥି ବିଚାର୍ ଲାଗି ଆବେଦନ୍କାରୀମାନେ ହାଇକୋର୍ଟର କମ୍ପ୍ୟୁଟର୍ ଆବେଦନ୍ କେନ୍ଦ୍ର ଠାନେ ଦିନର୍ ୧୧ ନୁ ୧୨ ବଜେ ଭିତ୍ରେ ଆବେଦନ୍ କରିପାର୍ବେ ।

ପ୍ରବାସୀ ଭାରତୀୟ ଦିବସ ପୁରୀ ସମ୍ବାଦଦାତା

ପୁରୀ ଠାନେ ଆଏବା ଜାନୁଆରୀ ୮ ନୁ ୧୦ ତାରିଖ୍ ୩ ଦିନ୍ ଧରିକରି ହେବାର୍‌କେ ଥିବା ପ୍ରବାସୀ ଭାରତୀୟ ଦିବସ୍ ଲାଗି ଗୁଟେ ପୁଲିସ୍ ତର୍‌ଫୁ ଖାସ୍ ପ୍ରସ୍ତୁତି ବାବ୍‌ଦେ ଗୁଟେ ବୈଠକ୍ ହେଇଥିଲା । ପୁଲିସ୍ ପ୍ରଶାସନ୍ ଆଉ ହୋଟେଲ୍ ଏସୋସିଏସନ୍ ଭିତ୍‌ରେ ହେଇଥିବା ସମନ୍ୱୟ ବୈଠକ୍‌ଥି ସ୍ୱତନ୍ତ୍ର ଆପ୍ ଜରିଆଥି ହୋଟେଲ୍‌ମାନେ ପର୍ଯ୍ୟଟକଙ୍କର୍ ବାବ୍‌ଦେ ସୂଚ୍‌ନା ରଖିପାର୍‌ବେ ବଲି ନିଷ୍ପତି ନିଆଯାଇଥିଲା । ଇ ସମିଆଥି ଟ୍ରାଫିକ୍ ବ୍ୟବସ୍ଥା, ଶ୍ରୀମନ୍ଦିର୍ ଦର୍ଶନ୍ ବ୍ୟବସ୍ଥା, କୋଣାର୍କ ସୂର୍ଯ୍ୟମନ୍ଦିର୍, ରଘୁରାଜ୍‌ପୁର୍, ସାତପଡ଼ା ଇକୋ ରିଟ୍ରିଟ୍ ବାଗିର୍ ଜାଗା ବୁଲ୍‌ବାର୍ ବେଲ୍‌କେ ସବୁ ପ୍ରକାର୍ ବ୍ୟବସ୍ଥା ଲାଗି ଆଲୋଚନା କରାଯାଇଛେ । ଇ ଅବ୍‌ସରେ ପୁରୀ ଠାନେ ଗୁଟେ ପଲ୍ଲୀଶ୍ରୀ ମେଳା ହେବା ବଲି ଭିଲ୍ ବୈଠକ୍‌ନୁ ସୂଚ୍‌ନା ମିଲିଛେ । ପ୍ରବାସୀ ଭାରତୀୟ ଦିବସ୍ ଅବ୍‌ସରେ ସବୁ ସୁବିଧା ସହେତେ ବହୁତ୍ ସଂଖ୍ୟାଥି ପୁଲିସ୍ ଫୋର୍ସ ଲଗାଯିବା ବଲି ପୁରୀ ଆରକ୍ଷୀ ଅଧିକ୍ଷକ ସୂଚ୍‌ନା ଦେଇଛନ୍ ।

କୃଷିରକ୍ଷକ୍ ପୋର୍ଟାଲ୍ ପିଆଇବି

ରାଏଜେ ଲଗାଏତ୍ ବର୍ଷାଥି ହେଇଥିବା ନୁକ୍‌ସାନ୍ ବାବ୍‌ଦେ କୃଷିରକ୍ଷକ୍ ପୋର୍ଟାଲ୍‌ଥି ସୂଚ୍‌ନା ଦେବାର୍‌କେ କୃଷି ବିଭାଗ୍

ତର୍ଫୁ ଚାଷୀମାନ୍‌କୁ ଅନୁରୋଧ୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ଫସଲ୍‌ବୀମା ଯୋଜ୍‌ନାଥି ଯେନ୍ ଚାଷୀମାନେ ପଞ୍ଜିକୃତ ହେଇଛନ୍, ସେମାନେ ହେଲ୍ପ ଲାଇନ୍ ନମ୍ବର୍ ୧୪୪୪୭ ଥି ଭିଲ୍ ସୂଚ୍‌ନା ଦେଇପାର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ୧୫ ଲାଖ୍‌ନୁ ଅଏତ୍‌କା ଚାଷୀ ଫସଲ୍ ବୀମା ଯୋଜ୍‌ନାଥି ପଞ୍ଜିକରଣ୍ କରିଛନ୍ ।

## ଜନଅଭିଯୋଗ୍ ଶୁଣାଣି ଶିବିର ସମ୍ବଲପୁର/ ବର୍‌ଗଡ଼୍/ ନୂଆପଡ଼ା/ ସୁବର୍ଣ୍ଣପୁର

ପର୍ଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍ ସମାଧାନ୍ କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ନୂଆପଡ଼ା ଜିଲ୍ଲାର୍ ବୋଡ଼େନ୍ ସମ୍ମିଲନୀ କକ୍ଷ ନ ହେଇଥିବା ଯୁଗ୍ମ ଅଭିଯୋଗ୍ ଶୁଣାଣିଥି ଜିଲ୍ଲାପାଲ ୯୦ ଟା ଅଭିଯୋଗ୍‌ର ଶୁଣାଣି କରିକରି ଦର୍‌କାରୀ ପଦକ୍ଷେପ୍ ନେବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବର୍‌ଗଡ଼୍ ଜିଲ୍ଲା ଝାର୍‌ବନ୍ଧ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ମିଲିତ୍ ଅଭିଯୋଗ୍ ଶୁଣାଶି ଶିବିର ହେଇଯାଇଛେ । ଶିବିରଥି ୯୩ ଟା ଅଭିଯୋଗ୍‌ର

ଶୁଣାଣି କରିକରି ସେସବୁର୍ ତୁର୍ତି ସମାଧାନ୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଥିଲେ ।

ସମ୍ବଲପୁର୍ ଜିଲ୍ଲା ନାକଟିଦେଉଲ୍ ବ୍ଲକ୍ ନ ଜିଲ୍ଲାପାଲ୍ ଆର୍ ଏସ୍.ପି. ଉପସ୍ଥିତିଥି ୯୩ ଟା ଅଭିଯୋଗ୍‌ର ଶୁଣାଣି କରାଯାଇକରି ସେସବୁର୍ ଜଲ୍‌ଦି ସମାଧାନ୍ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍ ଠାନେ ବ୍ଲକ୍‌ସ୍ତରୀୟ ଜନଶୁଣାଣି ହେଇଯାଇଛେ । ଇଥି ୪୯ ଟା ଅଭିଯୋଗ୍ ପତ୍ରର୍ ଶୁଣାଣି କରାଯାଇକରି ଫଇସଲା କରାଯାଇଥିଲା ।

ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ବୈଠକ୍ ବାଦୀ ଠାନେ ଅନୁଷ୍ଠିତ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଭିନ୍ ଭିନ୍ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛେ । ଖାସ୍ କରି ଛାତ୍ରାବାସ୍ ମୁଲ୍ କର୍‌ବାର୍ ନିଷ୍ପତି ହେଇଥିବାର୍ ବେଲେ ଶିକ୍ଷା ଉପ୍‌ରେ ଗୁରୁତ୍ୱ ଦେଇକରି ସର୍‌କାରୀ ଶିକ୍ଷା ବ୍ୟବସ୍ଥା ସବୁନୁ ଉପ୍‌ରେ ରହିଛେ ଆର୍ ଶିକ୍ଷକ୍

ଶିକ୍ଷୟିତ୍ରୀଙ୍କର୍ ଇଥି ବହୁତ୍ ବଡ଼ ଦାୟିତ୍ୱ ରହିଛେ ବଲି ଜିଲ୍ଲାପାଲ୍ କହିଛନ୍ ।

ସୁଶାସନ୍ ହପ୍ତା -ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ସୁଶାସନ୍ ହପ୍ତା ପାଲନ୍ ଅବ୍‌ସରେ କଂଟାବାଲ୍ ଖଟ୍‌ଖଟିଆ ଗ୍ରାମ୍‌ପଂଚାୟତ୍ କାର୍ଯ୍ୟାଲୟ ନ ଗୁଟେ କର୍ମଶାଲା ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଇଥି ଯୋଗ୍ ଦେଇକରି ଗାଁ ଇଲାକାର୍ ଲୁକ୍‌କର୍ ସମସ୍ୟାର୍ ସମାଧାନ୍ ବାବ୍‌ଦେ କ୍ଷେତ୍ରୀୟ ପରିଦର୍ଶନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । କର୍ମଶାଳାଥି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ସଚେତନତା ରଥ ବୌଦ୍ଧ ସମ୍ବାଦଦାତା

ପାଏନ୍‌ର ଠିକ୍‌ଭାବେ ପରିଚାଲନା ଆର୍ ବେଭାର୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲକ୍ଷ୍ୟଥି ପାଣିପଂଚାୟତ୍ ପକ୍ଷ ପାଲନ୍ କରାଯାଉଛେ । ଇ ଅବ୍‌ସରେ ବୌଦ୍ଧ ଠାନେ ଗୁଟେ ସଚେତନତା ରଥକେ ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ପତାକା ଦେଖେଇକରି ଉଦ୍‌ଘାଟନ୍ କରିଛନ୍ ।